# ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଶପଥ ପାଠ ।

ଅନୁଗୋଳ, ତା,୨୭.୧୦:- ସମାଜର ବିଭିନ୍ନ କ୍ଷେତ୍ରରୁ ଦୁର୍ନିତି ହଟାଇ ଶାନ୍ତି ଓ ସୌହାର୍ଦ୍ଧପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧରଣଙ୍କୁ ନ୍ୟାଯ୍ୟ ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବାକୁ ନେଇ ଆଜି ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଚଳିତ ବର୍ଷର ବାର୍ତ୍ତା ହେଉଛି 'ସତର୍କ ଭାରତ,ସମୃଦ୍ଧ ଭାରତ' ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନିତୀର ମୂଳଉତ୍ପାଟନ ନିମନ୍ତେ ସମସ୍ତେ ଆଗେଇ ଆସିବା ସହ ଜୀବନର ସବୁ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରି ଅନ୍ୟମାନଂକ ପାଇଁ ଉଦାହରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ସମସ୍ତଂକୁ ଶପଥ ପାଠ କରାଇଥିଲେ । ଚଳିତ ବର୍ଷ କୋଭିଡ ନିୟମାବଳୀ ଆଧାରରେ ଏହି ଶପଥ ପାଠ କରାଯିବା ସହ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ହେବାକୁ ଥିବା ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାକୁ କର୍ମଚାରୀ ଓ ସେମାନଂକ ପରିବାର ସଦସ୍ୟମାନଂକ ମଧ୍ୟରେ କରାଯିବ । କେନ୍ଦ୍ରୀୟ ଭିଜିଲାନସ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୦୦୦ ମସିହା ଠାରୁ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପ୍ରତ୍ୟେକ ବର୍ଷ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଉଛି । ଚଳିତ ବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶପଥ ପାଠ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସମାଜିକ ଗଣମାଧ୍ୟମ ଓ କର୍ମଚାରୀମାନଂକ ପରିବାର ମଧ୍ୟରେ କରାଯାଉଛି । ଶପଥ ପାଠ କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସେହିପରି ଶପଥ ପାଠ କାର୍ଯ୍ୟକ୍ରମ ମଧ୍ୟ ଜିଲ୍ଲାର ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକରେ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥପାଠ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଓ ତାଂକ ବିଭାଗର କର୍ମଚାରୀମାନେ ପରିଚାଳନା କରିଥିଲେ ।




CENTRAL DAIRY